# ବୈବାହିକ ଜୀବନ ଆରମ୍ଭ କଲେ ୨୨ଯୋଡା ବରବଧୂ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ଧନୁପାଲି ସ୍ଥିତ ଆଦିତ୍ୟ କଲ୍ୟାଣ ମଣ୍ଡପ ଠାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅଧୀନରେ ଏକ ଭବ୍ୟ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୟନ ହୋଇଥିବା ୨୨ ଯୋଡା ବରବଧୂ ନିଜର ବୈବାହିକ ଜୀବନ ଆରମ୍ଭ କରିଛନ୍ତି । ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବବିବାହିତ ଦମ୍ପତିଙ୍କୁ ଶୁଭାଶିଷ ପ୍ରଦାନ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ସରକାରଙ୍କ ଏହି ଅନୁକମ୍ପାମୂଳକ ଯୋଜନା ସାଧାରଣ ଲୋକଙ୍କ ଜୀବନରେ ଖୁସି ଆଣିଦେବା ସହ ସମାଜରେ ଏକ ସକାରାତ୍ମକ ବାର୍ତ୍ତା ସୃଷ୍ଟି କରୁଛି । ୨୦୪୭ ମସିହାରେ ଏକ ବିକଶିତ ଭାରତ ଏବଂ ୨୦୩୬ ମସିହାରେ ଓଡ଼ିଶାର ୧୦୦ ବର୍ଷ ପୂର୍ତ୍ତି ଅବସରକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପରିବାର ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବରବଧୂଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସରୋଜା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୌତୁକ ପ୍ରଥା ବିରୋଧରେ ସାମାଜିକ ସନ୍ଦେଶ

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୁହିକ ବିବାହ



ସୋନପୁର,(ସବ୍ୟୁ): 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ମାଧ୍ୟମରେ ମଙ୍ଗଳବାରି ସୋନପୁର ଟାଉନ ହଲ ପରିସରରେ ଜିଲ୍ଲାସ୍ତରୀୟ ସାମୁହିକ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତି ମାନଙ୍କୁ ଆଶୀର୍ବାଦ ଦେଇଥିଲେ । ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ, ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ । ଏହି ଯୋଜନା କେବଳ ବିବାହ ଉତ୍ସବ ନୁହେଁ, ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ । ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ନୃପରାଜ ସାହୁ ସମେତ ଏସପି ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଉପଜିଲ୍ଲାପାଳ ସୌମ୍ୟାରୂପା ରଥ, ଡିଏସପି ରେଣୁକା ସୁନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବୀଣାପାଣି ମିଶ୍ର, ସମାଜସେବୀ ବେଣୁଧର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ନୂତନ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ର ଅନଙ୍ଗ ନେଗୀ ଏବଂ ମନୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ସୁବର୍ଣ୍ଣପୁର ଜିଲ୍ଲାର ୫ଟି ବ୍ଲକର ୩ଟି ଲେଖାଏଁ ଯୋଡି ଆସିଥିବା ବେଳେ ବିନିକା ବ୍ଲକର ୨ଟି ଯୋଡି ଆସିଥିଲେ। ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ବର-କନ୍ୟା ରହିଥିଲେ। ବିବାହ କରିଥିବା ସମସ୍ତ ୧୭ ଜଣ କନ୍ୟାଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ପରିବାରବର୍ଗ ଏବଂ ଜିଲ୍ଲା ପ୍ରଶାସନ ତଥା ସମାଜ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛ। ବିବାହ ପରେ ଗୋଟିଏ ଲେଖାଏଁ ଗଛ ସମସ୍ତ ଦମ୍ପତିଙ୍କୁ ପ୍ରଦାନ କରାଯାଇଥିଲା। ସେମାନେ ଏହାର ଯତ୍ନ ନେବେ ଏବଂ ସେହି ଗଛର ଜୀବନ ତାଙ୍କର ବିବାହ ସମୟର ପ୍ରତୀକ ହେବ। ଏହି ଅବସରରେ ବିଧାୟକ ଶ୍ରୀ ଜଗଦଲା ମଧ୍ୟ ସମସ୍ତ ନୂତନ ଦମ୍ପତିଙ୍କୁ ଉପହାର ଦେଇଥିଲେ। ଜିଲ୍ଲା ଓଏସ ଏବଂ ଓଆରଏସ ସଂଘ ତରଫରୁ ମଧ୍ୟ ସେମାନଙ୍କୁ ଗୋଟିଏ ଲେଖାଏଁ ହାତଘଣ୍ଟା ପ୍ରଦାନ କରାଯାଇଥିଲା ।

# କଳାହାଣ୍ଡି, ନୂଆପଡା ଜିଲ୍ଲାରେ ଜନଜାତି ପର୍ଯ୍ୟଟନ ବିକାଶ ପାଇଁ ସ୍ମାରକପତ୍ର

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ନୂଆପଡା ଜିଲ୍ଲାରେ ଜନଜାତି ପର୍ଯ୍ୟଟନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିକଶିତ କଳାହାଣ୍ଡି ନୂଆପଡା ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ ଜିଲ୍ଲାପାଳ କଳାହାଣ୍ଡିଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରି ଏହାର ପ୍ରତିଲିପି ଭାରତର ପ୍ରଧାନ ମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଆଦିବାସୀ ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବ ଓଡିଶାଙ୍କୁ ପ୍ରଦାନ କରିଛନ୍ତି । ଜନଜାତି ପର୍ଯ୍ୟଟନ ହେଉଛି ପର୍ଯ୍ୟଟନର ଏକ ବିଶେଷ ଦୁଆର ଏହା ସାଂସ୍କୃତିକ ଯାତ୍ରା ଭାବେ ପର୍ଯ୍ୟଟକମାନଙ୍କୁ ଜନଜାତିଙ୍କ ନିଆରା ଜୀବନଶୈଳୀ, ପରମ୍ପରା, ସଂସ୍କୃତି ଓ କଳା ସହିତ ପରିଚିତ କରାଇଥାଏ । ପର୍ଯ୍ୟଟକମାନଙ୍କୁ ଭିନ୍ନ ଏକ ଅନୁଭବ ପ୍ରଦାନ କରିଥାଏ । ଅତିନିକଟରୁ ସେମାନେ ଆଦିବାସୀମାନଙ୍କ ଜୀବନର ଅନନ୍ୟତାକୁ ଅନୁଭବ କରିବାର ସୁଯୋଗ ପାଇଥାନ୍ତି । ଜିଜ୍ଞାସୁ ଓ ଅନ୍ତର୍ମୁଖୀମାନଙ୍କ ପାଇଁ ଏହା ଏକ ଅପୂର୍ବ ସୁଯୋଗ ଦେଇଥାଏ । ଜନଜାତି ଗ୍ରାମ, ହାଟ, ଯାତ୍ରା, ମେଳଣ ଆଦି ଭ୍ରମଣ ବ୍ୟତୀତ ସେମାନଙ୍କ ଭାଷା, ଖାଦ୍ୟ, ଗୀତ, ସଙ୍ଗୀତ, ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ସହ ପରିଚିତ ହେବା ଆଦିବାସୀ ଦେବତା, ପୂଜା ପଦ୍ଧତି ଆଦି ଦେଖିବା, ସେମାନଙ୍କର ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, ଖାଦ୍ୟ, ଗୀତ, ସଙ୍ଗୀତ ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ସହ ପରିଚିତ ହେବା ଆଦିବାସୀ ଦେବତା ପୂଜା ପଦ୍ଧତି ଆଦି ଦେଖିବା। ସେମାନଙ୍କ ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, ଖାଦ୍ୟ, ବାଦ୍ୟଯନ୍ତ୍ର, କାନ୍ଥଚିତ୍ର କଳା, ହସ୍ତଶିଳ୍ପ, ପର୍ଯ୍ୟଟନର ଆଦି ଏହି ଅନ୍ତର୍ଭୁକ୍ତ । ଓଡିଶାର ଆଦିବାସୀ ସମ୍ପ୍ରଦାୟ ବିଶେଷ କରି କେବିକେ, କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ପର୍ଯ୍ୟଟନ ପରିଚାଳନା ମାଧ୍ୟମରେ ଏକ ସ୍ଥାୟୀ ବିକାଶ ସୁନିଶ୍ଚିତ କରାଯାଇପାରିବ ବୋଲି ସ୍ମାରକପତ୍ରରେ ନିବେଦନ କରାଯାଇଛି । ଏଥରେ ପର୍ଯ୍ୟଟନର ସାମାଜିକ ଓ ଅର୍ଥନୈତିକ ପ୍ରଭାବର ଆକଳନ ସହିତ ଆଦିବାସୀ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଥିବା ପ୍ରଚଳିତ ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡିକର ପ୍ରଭାବଶାଳୀକୁ ଆକଳନ କରିବା, ଦକ୍ଷତା ବିକାଶ ଏବଂ ସାମର୍ଥ୍ୟ ବୃଦ୍ଧି, ସ୍ଥାୟୀ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଏବଂ ଦୀର୍ଘକାଳୀନ ସ୍ଥିରତା ମାପିବା ସହ ଦାୟୀତ୍ୱବାନ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନୀତିଗତ ନିର୍ଦ୍ଦେଶାବଳୀ ଏବଂ କାର୍ଯ୍ୟ ଯୋଜନା ପ୍ରଦାନ କରିବା ଯାହା ପରିବେଶ ଏବଂ ସାଂସ୍କୃତିକ ସ୍ଥିରତା ବଜାୟ ରଖିବା ସହିତ ଆଦିବାସୀ ସମ୍ପ୍ରଦାୟକୁ ସାମଗ୍ରୀକ ବିକାଶ ସୁନିଶ୍ଚିତ କରିପାରିବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି । କଳାହାଣ୍ଡି ଜିଲ୍ଲାର କର୍ଲାପାଟ ୱାଇଲଡ୍‌ଲାଇଫ୍, ଜାକମ, ରାବଣଧାରା, ଫୁରଲି ଝରଣ, ଡୋକରୀ ଚଞ୍ଚରା, ଇନ୍ଦ୍ରାବତୀ ଡ୍ୟାମ ଏବଂ ଭଜରଗଡ ଜଳପ୍ରପାତ ଏବଂ ନୂଆପଡା ଜିଲ୍ଲାର ସୁନାବେଡା ୱାଇଲଡ୍ ଲାଇଫ୍, ପାତାଳ ଗଙ୍ଗା, ପଟୋରା, ଗଉପକା ଗଙ୍ଗା ଏବଂ ତିଖାଲି ଡ୍ୟାମରୁ ଜନଜାତି ପର୍ଯ୍ୟଟନ ବିକାଶ ଏଜେଣ୍ଡାରେ ସାମିଲ କରାଯାଇପାରେ ।

# ବୌଦ୍ଧରେ କବି ଜୟଦେବ ଜୟନ୍ତୀ ପାଳିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭାଗୃହରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନ ସହଯୋଗରେ କବି ଜୟଦେବ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନିରୋଜ କୁମାର ଭତ୍ରା, ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ, ମହିଳା ସୁରକ୍ଷା ଅଧିକାରୀ ଗୀତାଞ୍ଜଳି ଦଲାଲ, ସନ୍ତୋଷିନୀ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। କବିଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଡେପୁଟି କଲେକ୍ଟର୍ ଶ୍ରୀ ଭତ୍ରା ସମ୍ବୋଧନ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା କବି ଜୟଦେବଙ୍କ ରଚିତ ଦଶାବତାରର ସାମାଜିକ ମହତ୍ତ୍ୱ ଓ ଗୀତ ଗୋବିନ୍ଦ ରଚନାର ପୃଷ୍ଠଭୂମି ଓ ଓଡ଼ିଆ ସଂସ୍କୃତି ଉପରେ ଏହାର ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିଥିଲେ । ମହିଳା ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ ସୁନ୍ଦର ଓଡ଼ିଶୀ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦାନ କରିଥିଲେ ।

# ମହୁଲଫୁଲ ସହ ପିକ୍‌ଅପ୍ ଜବତ, ଚାଲାଣକାରୀ ଗିରଫ



ପଦ୍ମପୁର,(ସବ୍ୟୁ): ଓଡ଼ିଶା-ଛତିଶଗଡ ସୀମାନ୍ତ ଅଞ୍ଚଳରେ ମହୁଲଫୁଲ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୀମାନ୍ତବର୍ତ୍ତୀ ଗାଁ ଗୁଡିକରୁ କମ ଦରରେ ମହୁଲଫୁଲ ସଂଗ୍ରହ କରି, ପରେ ଚଢ଼ା ଦରରେ ବିକ୍ରି ପାଇଁ ଛତିଶଗଡ ରାଜ୍ୟର ରାଏପୁରକୁ ପଠାଯାଉଥିବା ଅଭିଯୋଗ ଆସୁଛି। ମହୁଲଫୁଲ ଲଘୁ ବନଜାତ ଦ୍ରବ୍ୟ ହେଉଥିଲେ ମଧ୍ୟ, ଏହାର ନିର୍ଦ୍ଧାରିତ ବଜାର ଦର ବ୍ଲକ କିମ୍ବା ପଞ୍ଚାୟତ ପ୍ରଶାସନ ନିର୍ଦ୍ଧାରଣ ନ କରିବାରୁ ମାଫିଆମାନେ ଏହାର ଲାଭ ଉଠାଉଛନ୍ତି। ଏହି ପରିସ୍ଥିତିରେ ଲଖମରା ସୀମାନ୍ତ ଅଞ୍ଚଳରୁ ଛତିଶଗଡକୁ ମହୁଲ ଫୁଲ ଚୋରାଚାଲାଣ ହେଉଥିବା ସୂଚନା ପାଇ ପଦ୍ମପୁର ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇଥିଲା। ଅବକାରୀ ନିରୀକ୍ଷକ ଡମ୍ବରୁଧର ହରିଜନଙ୍କ ନିର୍ଦ୍ଦେଶରେ ଅବକାରୀ ଉପ ନିରୀକ୍ଷକ ସପ୍ନାରାଣୀ ଟେଟେଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉ କରି ଗୋଟିଏ ଧଳା ରଙ୍ଗର ପିକଅପ ଭ୍ୟାନକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଭ୍ୟାନରୁ ୪୬ ଗୋଟି ପ୍ଲାଷ୍ଟିକ ପ୍ୟାକେଟରେ ରହିଥିବା ମୋଟ ୧୮୪୦ କେଜି ମହୁଲଫୁଲ ଜବତ କରାଯାଇଥିଲା। ଯାହା ଛତିଶଗଡକୁ ଚୋରାଚାଲାଣ ହେଉଥିଲା। ଘଟଣାସ୍ଥଳରୁ ଭ୍ୟାନ ସହିତ ଚୋରା ଚାଲାଣରେ ଜଡିତ ଅଭିଯୁକ୍ତ ପ୍ରଦୀପ କୁମାର ଡନସନାକୁ ଗିରଫ କରାଯାଇଛି। ସେ ଜଗଦଲପୁର ଥାନା ଅନ୍ତର୍ଗତ ଧୂମାଭଟା ଗାଁର ବାସିନ୍ଦା ବୋଲି ସୂଚନା ମିଳିଛି। ଏହି ଘଟଣାରେ ପଦ୍ମପୁର ଅବକାରୀ ଥାନାରେ କେଶ ନମ୍ବର ୨୭/୨୦୨୬ ଆଧାରରେ ମାମଲା ରୁଜୁ କରାଯାଇଛି। ସୀମାନ୍ତ ଅଞ୍ଚଳରେ ଚୋରାଚାଲାଣ ରୋକିବା ପାଇଁ ପାଟ୍ରୋଲିଂ ଜୋରଦାର ଚାଲିଥିବା ଅବକାରୀ ନିରୀକ୍ଷକ ସୂଚନା ଦେଇଛନ୍ତି।

# ବିଭିନ୍ନ ବିଦ୍ୟାଳୟରେ ୱାଟର କୁଲର ଓ ଏକ୍ୱାଗାର୍ଡ ପ୍ରଦାନ

ବୌଦ୍ଧ, (ସବ୍ୟୁ): ବସନ୍ତ ସୋସିଆଲ ଫାଉଣ୍ଡେସନ , ନୂଆଁଦିଲ୍ଲୀ ତରଫରୁ ଆଇଆଇଏଫ୍‌ସିଏଲ , ନୂଆଦିଲ୍ଲୀ ସିଏସଆର ଆକ୍ଟିଭିଟି ସହାୟତାକ୍ରମେ ବୌଦ୍ଧ ଜିଲ୍ଲାର ୨୦ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୱାଟର କୁଲର ଏବଂ ଏକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଫାଉଣ୍ଡେସନ ର କ୍ୟାମ୍ପ ଅଫିସ ଡାଙ୍ଗମୁଣ୍ଡାରେ ଏନେଇ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୱାଟର କୁଲର୍ ଓ ଏକ୍ୱାଗାର୍ଡ ମୋଟ ୨୦ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହା ସହିତ ଫାଉଣ୍ଡେସନ ତରଫରୁ ନବୋଦୟ ଓ ଆଦର୍ଶ ପ୍ରବେଶିକା ପରୀକ୍ଷା ପାଇଁ ନିଶୁଳ୍କ କୋଚିଂ ରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ଏବଂ କମ୍ପ୍ୟୁଟର ଶିକ୍ଷାରେ କୃତିତ୍ୱ ହାସଲ କରିଥିବା ୧୫୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ମଧ୍ୟ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ସେହିପରି ଆଦର୍ଶ ଶିକ୍ଷକ ନୀଳାମ୍ବର ଖମାରୀ ଓ ସୌମିତ୍ରି କର୍ଣ୍ଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ବିଦ୍ୟାଳୟ ମାନଙ୍କୁ ବସନ୍ତ ସୋସିଆଲ ଫାଉଣ୍ଡେସନ ତରଫରୁ ଏଭଳି ସାହାଯ୍ୟ, ସହଯୋଗ ପ୍ରଦାନ କରାଯାଉଥିବା ନେଇ ଜିଲ୍ଲାପାଳ ଖୁସି ବ୍ୟକ୍ତ କରିବା ସହ ଧନ୍ୟବାଦ ଜଣାଇଥିଲେ। ଶେଷରେ ଶିକ୍ଷାବିତ ସୁଶାନ୍ତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଇକୋଣ୍ଡୋରେ କେନ୍ଦ୍ରୀୟ ବିଦ୍ୟାଳୟର ୯ ସାମିଲ

ବଲାଙ୍ଗିର,(ସବ୍ୟୁ): ଆସନ୍ତା ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୫ ରେ ରିଜିଓନାଲ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ପ୍ରଥମ ଥର ପାଇଁ ବଲାଙ୍ଗିର କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ ର ୯ ଜଣ ଛାତ୍ର ଛାତ୍ରୀ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଜାତୀୟସ୍ତରୀୟ ଟାଇକୋଣ୍ଡୋ କୋଚ ଅସୀମ କୁମାର୍ ଭୋଇ ଏହି ୯ ଜଣ ଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇ ମନୋନୀତ କରିଥିବା ସ୍କୁଲ ତରଫରୁ ସୁଚନା ଦିଆ ଯାଇଛି । ସ୍କୁଲ ଅଧ୍ୟକ୍ଷ ଗଣେଶ ପ୍ରଧାନ ଛାତ୍ର ଛାତ୍ରୀଙ୍କ ସଫଳତା କାମନା କରିଛନ୍ତି ।

# ପୌର ପରିଷଦ ପକ୍ଷରୁ ଆଲୋକୀକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ପୌର ପରିଷଦ ପକ୍ଷରୁ ପ୍ୟାଲେସ ପଛପଟରୁ ରାଜେନ୍ଦ୍ର କଲେଜ ଶିଶୁ ମନ୍ଦିର ରାସ୍ତା ହୋଇ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ଓ ବେହେରାପାଲି ଠାରୁ ପୁଇନ୍ତଲା ଗ୍ରାମ ପର୍ଯ୍ୟନ୍ତ ଆଲୋକୀକରଣ କାର୍ଯ୍ୟକ୍ରମସମ୍ପନ୍ନ ହୋଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ରାସ୍ତାକୁ ନୂତନ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ସହିତ ତିରଙ୍ଗା ଆଲୋକରେ ସଜାଯାଇଥିବାରୁ ଅଞ୍ଚଳଟି ଆକର୍ଷଣୀୟ ଦୃଶ୍ୟ ପ୍ରଦାନ କରୁଛି। ପୂର୍ବରୁ ଏହି ରାସ୍ତାରେ ଲୁଟପାଟ ଘଟଣା ବୃଦ୍ଧି ପାଇଥିବାରୁ ପୋଲିସ ପାଇଁ ବଡ଼ ସମସ୍ୟା ସୃଷ୍ଟି ହୋଇଥିଲା। ନୂତନ ଆଲୋକୀକରଣ ବ୍ୟବସ୍ଥା ପରେ ସେହି ସମସ୍ୟାର ସମାଧାନ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗରପାଳ ଲୀକା ସାହୁ ଓ ଉପନଗରପାଳ ଗାୟତ୍ରୀ ଭୋଇ ଉପସ୍ଥିତ ଥିଲେ। କାଉନସିଲର ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, କିଶୋର କୁମ୍ଭାର, ସରିତା ଦାସ, ଗଙ୍ଗା ଚାନ୍ଦ, ଶମ୍ଭୁ ନାଗ, ନନ୍ଦିନୀ ପୋଢ଼ , ହରି ଶଙ୍କର ଛତ୍ରୀଆ ସହିତ ନିର୍ବାହୀ ଅଧିକାରୀ ଓ ପୌର ପରିଷଦର ଅନେକ କର୍ମଚାରୀ ଉପସ୍ଥିତ ଥିଲେ। ସାଧାରଣ ଲୋକମାନେ ଏହି ପଦକ୍ଷେପକୁ ସ୍ୱାଗତ କରି ପୌର ପରିଷଦକୁ ବହୁ ପ୍ରଶଂସା ଓ ଧନ୍ୟବାଦ ଜଣାଇଛନ୍ତି।

# ଏଠାରେ ଏକ ଅରଣ୍ୟ ଥିଲା ଉପନ୍ୟାସ ଉନ୍ମୋଚିତ

ସମ୍ବଲପୁର,(ସବ୍ୟୁ): 'ଏଠାରେ ଏକ ଅରଣ୍ୟ ଥିଲା' ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି । ଆଭାଷୀ ମାଧ୍ୟମରେ ଆୟୋଜିତ ସାହିତ୍ୟ ସଭାରେ ଐତିହାସିକ ଦୀପକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉନ୍ମୋଚନ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ ସାହିତ୍ୟର ଆବଶ୍ୟକତା ରହିଛି । ଏତଦ୍ୱାରା ଦେଶର କୋଣ ଅନୁକୋଣରେ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାରେ ସମନ୍ୱୟ ସୃଷ୍ଟି ହୋଇ ଜାତୀୟ ଏକତା ମଜବୁତ ହେବ। ସେହିପରି 'ସେତୁ' ନାମକ ଅହମୀହା ଏବଂ ଓଡିଆ - ଦ୍ୱିଭାଷୀ ପତ୍ରିକାକୁ ପଦ୍ମଶ୍ରୀ ଡ଼ଃ ସୂର୍ଯ୍ୟ ହଜାରିକା ଉନ୍ମୋଚନ କରିଥିଲେ । ଶଙ୍କର ଦେବ ଏବଂ ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ଯୋଗୁଁ ଓଡିଶା ଏବଂ ଆସାମ ମଧ୍ୟରେ ସମନ୍ୱୟ ସୁଦୃଢ଼ ହୋଇଥିବା ସମ୍ପର୍କରେ ସେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ସାମ୍ବାଦିକ ତଥା ଲେଖିକା ଅନୁରାଧା ଶର୍ମା ପୂଜାରୀଙ୍କ ରଚିତ ଅହମୀୟା ଭାଷାର ଉପନ୍ୟାସ ' ଇୟାତ୍ ଏଖନ୍ ଅରନ୍ୟ ଆସିଲ ଓଡିଆ ଭାଷାନ୍ତର ' ଏଠାରେ ଏକ ଅରଣ୍ୟ ଥିଲା'କୁ ଶ୍ରୀପଣ୍ଡା ଉନ୍ମୋଚନ କରିଥିଲେ । ଅହମୀୟା ଭାଷାର ମୂଳ ଉପନ୍ୟାସ ୨୦୨୧ରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା । ମାଳବିକା ଶର୍ମା ଏହି ପୁସ୍ତକର ଓଡିଆ ଅନୁବାଦ କରିଛନ୍ତି । ଏହି ଅନଲାଇନ୍ ସଭାରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗ ଦେଇଥିଲେ ।

# ସିନାପାଲିରେ ଶିଶୁ ମିତ୍ର ଥାନା ଲୋକାର୍ପିତ

## ଶିଶୁ ଓ ମହିଳାଙ୍କ ସୁରକ୍ଷା କବଚ ସାଜିବ - ଏସପି




ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ପରିସର ରେ ଶିଶୁ ଓ ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ଶିଶୁ ମିତ୍ର ଥାନାର ଲୋକାର୍ପଣ ହୋଇଯାଇଛି। ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଏସପି ଅମ୍ରିତପାଲ ସିଂ ଯୋଗଦାନ କରି ଶୁଭ ଉଦଘାଟନ କରିଥଲେ । ସମ୍ମାନୀତ ଅତିଥି ଭାବରେ ୧୪ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ଆଶା ଜୈନ,୧୨ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ପୁଷ୍ପାଞ୍ଜଳି ଗୁଆଳ,୧୩ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ଯାଜ୍ଞସେନୀ କଟା, ଖଡିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ, ସିନାପାଲି ଥାନା ଅଧିକାରୀ ଦୁର୍ଗାମାଧବ ବାଗ, ପୋଲିସ ଏସଆଇ ଗୌରିଶଙ୍କର ଦାସ, ସହଦେବ ଯୋଷୀ, ଜ୍ୟୋସ୍ନାରାଣୀ ଖୁଣ୍ଟିଆ, ରାମେଶ୍ୱର ବାଗ, ପ୍ରଭାକର ନାୟକ, ରଶ୍ମିମୟୀ ସ୍ୱାଇଁ ସମେତ ରାଜଶ୍ରୀ ପବ୍ଲିକ ସ୍କୁଲର ଛାତ୍ର ଛାତ୍ରୀ ତଥା ଅଞ୍ଚଳର ବୁଦ୍ଧିଜୀବୀ ଓ ଥାନାର ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଥାନା ମହିଳା ଓ ଶିଶୁ ମାନଙ୍କ ସେବା କରିବାରେ ପ୍ରମୁଖ ସହଯୋଗ ରହିବା ସହିତ ଶିଶୁ ମାନଙ୍କ ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ପ୍ରକାର ଖେଳଣା ରହିଛି। ଯାହା ଶିଶୁ ମାନଙ୍କ ମନକୁ ନୂତନ ଆଶା ସଞ୍ଚାର କରିବ ଓ ଥାନା ସହିତ ସୁସମ୍ପର୍କ ସ୍ଥାପନର ମାଧ୍ୟମ ସାଜିବ ବୋଲି ନୂଆପଡ଼ା ଏସପି ଅମ୍ରିତପାଲ ସିଂ ପ୍ରକାଶ କରିବା ସହ ନୂଆପଡ଼ା ଜିଲ୍ଲାର ପ୍ରତ୍ୟେକ ଥାନା ପରିସରରେ ଶିଶୁ ମିତ୍ର ଥାନା କରାଯାଇ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଶୋଷୁଛି ବିଶୁଦ୍ଧ ପାଣି, ଛାଡୁଛି ବିଷ



ରାୟଗଡା,(**ରବିନ୍ଦ୍ର ପାଟଖଣ୍ଡାଳ**) : ରାତି ହେଲେ ବିକଟାଳ ରୂପ ଧାରଣ କରେ ନାଗାବଳୀ। ଦିନ ତମାମ ଶୋଷୁଛି ବିଶୁଦ୍ଧ ପାଣି, ସଞ୍ଜ ହେଲେ ଛାଡୁଛି ବିଷ ପାଣି। କାଚଖଣ୍ଡ ଭଳି ଚକଚକ କରୁଥିବା ପାଣି। ନଦୀର ପାଣି ଆଉ ପାଣି ହୋଇ ରହେନାହିଁ। ନଦୀର ପବିତ୍ର ଗର୍ଭରେ ଛୁଟେ ବିଷର ବନ୍ୟା । ମାଇଲ ମାଇଲ ବାଟକୁ ବ୍ୟାପିଯାଏ ଦୁର୍ଗନ୍ଧ । କ୍ଷଣିକରେ ଅସ୍ୱଚ୍ଛ କରିଦିଏ ଜେକେ କାଗଜକଳ। ଦିନ ତମାମ କାରଖାନରୁ ନିର୍ଗତ ଦୂଷିତ ବିଷାକ୍ତ ପାଣିକୁ ଏକାଠି କରି ରାତିର ଅନ୍ଧାରରେ ନଦୀ ଗର୍ଭକୁ ଛାଡିଦିଏ । ତଥାପି ସମସ୍ତେ ନୀରବ । ତେବେ ପ୍ରଶ୍ନ ଉଠୁଛି କାହା ସ୍ୱାର୍ଥରେ ଜେକେ କାଗଜ କଳ । ନାଗାବଳୀ ନଦୀକୁ ଦୂଷିତ ଜଳ ନିଷ୍କାସନ ପାଇଁ ବ୍ୟବହାର କରୁଛି ଜେକେ କାଗଜକଳ । ନଦୀର ଶଯ୍ୟାକୁ ନର୍ଦ୍ଦମା ଭଳି ବ୍ୟବହାର କରୁଛି। କହିବାକୁ ଗଲେ ନାଗାବଳି ନଦୀର ପାଣି ଜହର ପାଲଟିଯାଇଛି। ଏହା ଆମେ କହୁନାହୁଁ, ସରକାରୀ ଦସ୍ତାବିଜ ଆଧାରରେ ପର୍ଯ୍ୟାୟ କ୍ରମେ ବିଧାନସଭା ଠାରୁ ଲୋକସଭା ପର୍ଯ୍ୟନ୍ତ ଏହି ଉତ୍ତର/ତଥ୍ୟ ପ୍ରକାଶ ପାଇଆସିଛି । ନିୟମଗିରି ପାର୍ବତ୍ୟମାଳାରୁ ବହିଆସୁଥିବା ସ୍ୱଚ୍ଛପାଣି ଜେକେ କାଗଜକଳ ଛାଡୁଥିବା ପାଣି ମିଶିବା ପରେ ଅନେକ ବିଷାକ୍ତ ହୋଇଯାଉଥିବା ଅଭିଜ୍ଞ ବିଶାରଦ ପରୀକ୍ଷା ପରେ ରିପୋର୍ଟ ପ୍ରକାଶ ପାଇଛି । ଗତ ୨୦୧୮ ମସିହାରେ ରାଜ୍ୟ ପ୍ରଦୂଷଣ ବିଭାଗ ଏହା ସ୍ପଷ୍ଟ କରିସାରିଛି। ଆଞ୍ଚଳିକ ପ୍ରଦୂଷଣ ବୋର୍ଡର ରିପୋର୍ଟ ପ୍ରକାରେ ୨୦୧୮ ମସିହା ଜୁଲାଇ ୨୩ତାରିଖରେ ଏହି ପାଣିକୁ ବ୍ୟବହାର ନକରିବା ପାଇଁ ଜନ ସଚେତନତା ସୃଷ୍ଟି କରିବା, ଘାଟ ମାନଙ୍କରେ ସୂଚନା ଫଳକ ଲଗାଇବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା।

ସେହିପରି ୨୦୧୮ ମସିହାରେ କେନ୍ଦ୍ର ପ୍ରଦୂଷଣ ବୋର୍ଡ ଦ୍ୱାରା ନଦୀରେ ପାଣି ଛାଡିବା ପାଇଁ ୧୫ପୃଷ୍ଠାର ଅତିରିକ୍ତ ସର୍ତ୍ତ ରଖିଥିଲେ। ଛାଡୁଥିବା ପାଣିରେ ପ୍ରଚୁର ପରିମାଣରେ ଫେଣ ରହୁଛି । ଏହାକୁ ନିୟନ୍ତ୍ରଣ କରିବାପାଇଁ ନିର୍ଦ୍ଦେଶ ରହିଛି। କାରଖାନା ବର୍ଜ୍ୟ କଳା ରଙ୍ଗର ପାଣିକୁ ନଦୀ ଭିତରକୁ ଛାଡିଦେଉଛି । ଯାହାକି ଫେଣ ସହ ଗନ୍ଧଯୁକ୍ତ। କାରଖାନା ନିଜର ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗକରି ପାଣିର ରଙ୍ଗକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଏହି କେବଳ ନିର୍ଦ୍ଦେଶରେ ରହିଛି। କାରଖାନାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ଗୃହରୁ ବାହାରୁଥିବା ବର୍ଜ୍ୟଜଳ ସହ କ୍ୟାଣ୍ଟିନ, କାର୍ଯ୍ୟାଳୟର ପାଣି ଓ ବର୍ଜ୍ୟବସ୍ତୁକୁ ନିଜେ ପରିଚାଳନା କରିବାକୁ ନିର୍ଦ୍ଦେଶ ରହିଥିଲା। ଅପରପକ୍ଷରେ ନଦୀକୁ ଦୂଷିତ ପାଣି ଛାଡିବା ପୂର୍ବରୁ ବାୟୋଲୋଜିକାଲ ଅକ୍ସିଜେନ ପରିମାଣ ( ବିଓଡି) କ୍ୟାମିକାଲ ଅକ୍ସିଜେନ ଡିମାଣ୍ଡ, (ସିଓଡି) ଆଲକାଲିକ ଏସିଡର ପରିମାଣ ଏବଂ କେତେ ପରିମାଣରେ ଫେକାଲ କଲିଫର୍ମ କେତେ ପରିମାଣରେ ରହିଛି ତାହାର ତର୍ଜମା ଏବଂ ସାର୍ବଜନୀନ କରାଯାଉନାହିଁ । ଦିନ ଥିଲା ନଦୀରେ କୁଇସାରି ନାମରେ ଏକ ପ୍ରଜାତିର ମାଛ ଦେଖିବାକୁ ମିଳୁଥିଲା । ବର୍ତ୍ତମାନ ନଦୀରେ ଜଳଚର ସରିଶୃପ ଟିଏ ବି ଦେଖିବାକୁ ମିଳୁନଥିବା ପରିବେଶକର୍ମି ଡ.ବାଦଲ କୁମାର ତା ଅଭିଯୋଗ କରିଛନ୍ତି। ଏହା ସହିତ ତଳ ମୁଣ୍ଡ ଲୋକ ନଦୀର ବାଲି ଘର ତିଆରି କରିବା ପାଇଁ ବ୍ୟବହାର କରିବା ପରେ ଘରେ ଦ୍ୱାର ଫାଟି ଆଁ ହୋଇଯାଉଛି। ତେଣୁ ରାୟଗଡା ସହର ଲୋକ ବଂଶଧାରା ବାଲି ଆଣି ଘର କାର୍ଯ୍ୟରେ ବ୍ୟବହାର କରୁଛନ୍ତି। କହିବାକୁ ଗଲେ ମାନବ ସମାଜ ଏବଂ ଜୀବଜଗତକୁ ବନ୍ଧା ପକାଇ ସରକାର ଏବଂ ଜିଲ୍ଲା ପ୍ରଶାସନ କାରଖାନାର ସ୍ୱାର୍ଥ ପାଇଁ ଆଖି ବୁଜି ଦେଇଛନ୍ତି। ଲକ୍ଷଲକ୍ଷ ଲୋକାଙ୍କୁ ବଳି ପକାଇ କାରଖାନା ପାଇଁ ସରକାରଙ୍କ ଏତେ ସରାଗ କାହିଁକି ତାହା ଏକ ଅସମାହିତ ପ୍ରଶ୍ନ ଜିଲ୍ଲାବାସୀଙ୍କ ପାଇଁ କାଗଜ କଳର ଜୁଲମ ଏକ ଅଭିଶପ୍ତ ।

# ଝାରସୁଗୁଡ଼ା ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ

ଝାରସୁଗୁଡ଼ା,(ସବ୍ୟୁ): ଓଡ଼ିଶା ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରଠାରେ ପହଞ୍ଚିଥିଲେ । ବିମାନ ବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନ ବନ୍ଦର ନିକଟରେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ।

ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଏନସିସି ଗ୍ରୁପ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ ଏବଂ ଏନସିସି ଏୟାରୱିଙ୍ଗ ର କମାଣ୍ଡିଂ ଅଫିସର ୱିଙ୍ଗ କମାଣ୍ଡର ତାପସ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଏସପି ଜି. ଆର. ରାଘବେନ୍ଦ୍ର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱ ତଦାରଖ କରିଥିଲେ। ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ନେଇ ସମଗ୍ର ଜିଲ୍ଲାରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି।

## ପବିତ୍ର ସମ୍ପର୍କ କଳୁଷିତ, ଡିଏନ୍‌ଏ ଖୋଲିଲା ଦୁଷ୍କର୍ମ ରହସ୍ୟ

# ମାନସିକ ଅନଗ୍ରସର ନାବାଳିକା ଦୁଷ୍କର୍ମ, ଅଭିଯୁକ୍ତ ବଡବାପା ଗିରଫ

ସମ୍ବଲପୁର, (ସବ୍ୟୁ) : ମାନସିକ ଅନଗ୍ରସର ନାବାଳିକା ଦୁଷ୍କର୍ମ ମାମଲାରେ ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ବଡବାପାକୁ ଗିରଫ କରିଛି । ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ସୁଟୁଗାନ୍ ହାଁସଦା(୫୫)ଙ୍କୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତକୁ ସମ୍ବଲପୁର ସ୍ୱତନ୍ତ୍ର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ରଙ୍ଗିଆଟିକିରା ଗ୍ରାମରେ ଏକ ଲଜ୍ଜାଜନକ ଓ ଅଭାବନୀୟ ଘଟଣା ପଦାକୁ ଆସିଥିଲା । ଜଣେ ୧୫ବର୍ଷିୟା ମାନସିକ ଅନଗ୍ରସର ତଥା ମୁକବଧିର ନାବାଳିକା ଦୁଷ୍କର୍ମର ଶିକାର ହେବା ସହ ଗର୍ଭବତୀ ବୋଲି ପରିବାର ଲୋକେ ଗତ ୨୫ ଫେବୃଆରୀ, ୨୦୨୬ରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଗୋବିନ୍ଦପୁର ଥାନା ପୋଲିସ ୧୭/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ପୀଡିତା ଜଣେ ମାନସିକ ଅନଗ୍ରସର ଓ ମୁକବଧିର ହୋଇଥିବା ବେଳେ ଇନ୍ସପେକ୍ଟର ପଦ୍ମାଳୟା ସାହୁଙ୍କୁ ତଦନ୍ତ ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ପୀଡିତା କିଛି କହିଶୁଣି ପାରୁନଥିବା ବେଳେ ଅଭିଯୁକ୍ତକୁ ଚିହ୍ନଟ କରିବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଛିଡା ହୋଇଥିଲା । ତେବେ ୧୯ ମାର୍ଚ୍ଚ, ୨୦୨୬ରେ ନାବାଳିକା ଜଣକ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲା । ଶିଶୁର ଡିଏନ୍‌ଏକୁ ନେଇ ତଦନ୍ତ ଅଧିକାରୀ ତନାଘନା କରିଥିଲେ । ନବଜାତ ଶିଶୁ କନ୍ୟା, ପୀଡ଼ିତାଙ୍କ ଜ୍ଞାତି ପରିଜନ ଓ ପଡୋଶୀ ଆଦି ୭ ଜଣଙ୍କ ଡିଏନଏ ନମୁନା ସଂଗ୍ରହ କରିଥିଲେ । ଡିଏନଏ ରିପୋର୍ଟ ହସ୍ତଗତ ହେଲା ପରେ ନବଜାତ ଶିଶୁକନ୍ୟାର ଡିଏନଏ ଓ ପୀଡ଼ିତାଙ୍କ ବଡ ବାପା ସୁଟୁଗାନ୍ ହାଁସଦାଙ୍କ ମ୍ୟାଚ୍ ହୋଇଥିଲା । ଯାହାକି ଜୈବିକ ସମ୍ପର୍କ ବା ପିତୃତ୍ୱ ନିରୂପଣ କରିଥିଲା । ଏହା ଜଣାପଡିବା ପରେ ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ବଡବାପାକୁ ମଙ୍ଗଳବାର ଗିରଫ କରିଥିଲା । ସେ ନିଜ ଦୋଷ ସ୍ୱୀକାର କରିଥିବା ବେଳେ କୋର୍ଟ ଚାଲାଣ କରାଯାଇଛି । ସମାଜରେ ବଡବାପା ଓ ଝିଆରୀର ପବିତ୍ର ସମ୍ପର୍କ ରହିଛି । ତେବେ ଏହି ଘଟଣା ପବିତ୍ର ସମ୍ପର୍କକୁ କଳୁଷିତ କରିଥିବା ବେଳେ ଡିଏନ୍‌ଏ ରିପୋର୍ଟ ଦୁଷ୍କର୍ମ ଘଟଣାର ପର୍ଦ୍ଦାଫାଶ କରିଛି । ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଆଲୋଡ଼ନ ଖେଳି ଯାଇଛି ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର



କୋକସରା,(ସବ୍ୟୁ): ମଙ୍ଗଳବାର ନିଖିଳ ଉତ୍କଳ କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏୟୁପିଟିଏଫ୍) ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଲ ମୁକୁନ୍ଦ ଭୂୟାଁଙ୍କୁ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ବୀର କିଶୋର ନାଗଙ୍କ ନେତୃତ୍ୱରେ ଶିକ୍ଷକ ମାନେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ସଂଘର ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ କାର୍ଯ୍ୟରତ ଶିକ୍ଷକଙ୍କ ୬ବର୍ଷ ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ଗଣନା କରି ୬ ଗୋଟି ଇନକ୍ରିମେଣ୍ଟ ପ୍ରଦାନ, ଶିକ୍ଷକଙ୍କୁ ୪ ହଜାର ୨ ଶହ ଟଙ୍କା ଗ୍ରେଡପେ ପ୍ରଦାନ, ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ୟୁପି ସ୍କୁଲରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ନିଯୁକ୍ତି ବାଧ୍ୟତାମୂଳକ, କୋକସରା ବିଇଓ କାର୍ଯ୍ୟାଳୟରେ ଖାଲି ପଡିଥିବା ଏବିଇଓ ଓ କିରାଣୀ ପଦବୀ ଶୀଘ୍ର ପୂରଣ, ଶିକ୍ଷକଙ୍କ ଯୋଗ୍ୟତା ଅନୁଯାୟୀ ପଦୋନ୍ନତି, ଏକ୍ସ କେଡର ଶିକ୍ଷକଙ୍କୁ ନିୟମିତ କ୍ୟାଡରରେ ସାମିଲ କରି ସମସ୍ତ ସରକାରୀ ସୁବିଧା ଯୋଗାଇବା ସହ କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ କରିବା ଓ ପ୍ରତି ୟୁପି ସ୍କୁଲରେ କଳା ଓ କ୍ରୀଡା ଶିକ୍ଷକ ପଦବୀ ସୃଷ୍ଟି କରି ସ୍ଥାୟୀ ନିଯୁକ୍ତି ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଶ୍ରୀ ନାଗଙ୍କ ସମେତ ଉପସଭାପତି ଅମୁଲ୍ୟ ବେହେରା, ସମ୍ପାଦକ ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ଯୁଗ୍ମ ସଂପାଦକ ସୁବାଷ ଚନ୍ଦ୍ର ବାଗ, ସନ୍ତୋଷ ସ୍ୱାଇଁ, ଅବିନାଶ ଜେନା, ଦିପକ ଧିର, ରତିକାନ୍ତ ମହାରଣା, ବନ୍ଦିତା ଦାସ, ସିଆରସିସି ଉମାକାନ୍ତ ସତନାମି, ସୁମନ୍ତ ଠାକୁର, ଗୀତାଞ୍ଜଳି ଶବର, ସୁଷମା ନାଏକ, ଗୌରଚନ୍ଦ୍ର ଶବର, ଲିଙ୍ଗରାଜ ନାଏକ, ଶିକ୍ଷୟିତ୍ରୀ ଜୟଶ୍ରୀ ବାଲା ନାଏକ, ସୁମନ ଅର୍ପିତ ପଣ୍ଡା, ଦୟାସାଗର ଘି, ମଣିରାମ ମାଝୀ ସମେତ ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ ।

# ମୁରିବାହାଲରେ ରାଜସ୍ୱ ମେଳା

## ୨୩ଜଣ ଭୂମିହୀନଙ୍କୁ ପଟ୍ଟା ଓ ୬୪ଜଣଙ୍କୁ ଭତ୍ତା ବଣ୍ଟନ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ତହସିଲ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ଜଣ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ ଓ ୬୪ଜଣଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରାଯାଇଥିଲା। ତହସିଲଦାର ଜଗଦୀଶ କର୍ଡାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବଣ୍ଟନ କରିଥିଲେ। ଏଥିରେ ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ,ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ବିଡ଼ିଓ ବାସନ୍ତୀ ସେଠୀ, ଅତିରିକ୍ତ ତହସିଲଦାର ହେମନ୍ତ କୁମ୍ଭାର, ସଦର ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା,ଜିପିଡିଓ ପ୍ରସନ୍ନ କୁମାର ନାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ହଳଦୀ ପଞ୍ଚାୟତ ଡଙ୍ଗରପଡ଼ା ଗ୍ରାମର ବଣୁଆ ହାତୀପଲ ଦ୍ୱାରା କ୍ଷତିଗ୍ରସ୍ତ ୭ଜଣ ଓ ୯ଜଣ ଭୂମିହୀନ ପରିବାର ତଥା ଗୁଡିଘାଟ ପଞ୍ଚାୟତ ବାବେକୁରୀ ଗ୍ରାମର ୭ଜଣ ଭୂମିହୀନ ପରିବାରଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ଗ୍ରାମର ୬୪ଜଣଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରାଯାଇଥିଲା।

# ସାମ୍ବାଦିକ ସଂଘର ନୂତନ କର୍ମ କର୍ତ୍ତା ଚୟନ

କଣ୍ଟାବାଞ୍ଜି,(ସବ୍ୟୁ): କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ଏକ ବୈଠକ ସୋମବାର ସ୍ଥାନୀୟ ଡାକ ବଙ୍ଗଳାରେ ସାମ୍ବାଦିକ ସୁବାସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ଆରମ୍ଭରେ ସଂଘର ବରିଷ୍ଠ ସଭ୍ୟ ମୌଜ ଆଧାର ଶର୍ମାଙ୍କ ବିୟୋଗରେ ଶୋକ ସଭା ହୋଇଥିଲା । ପରେ ସର୍ବ ସମ୍ମତି କ୍ରମେ ମୋହନ ସୋନି ସଭାପତି,ଜୀବନାନନ୍ଦ ମହାନ୍ତି କାର୍ଯ୍ୟକାରୀ ସଭାପତି,ଉପସଭାପତି ଶିବଙ୍କର ବାଗ ,ସମ୍ପାଦକ ଗୁରୁ ଦୟାଳ ହଂସ,ସହସମ୍ପାଦକ ଶେଖ୍ ସମିମ୍,କୋଷାଧ୍ୟକ୍ଷ କୁର୍ତିକର ବାଗ,କାର୍ଯ୍ୟକାରୀ ସଭ୍ୟ ବିମଳ ଦାଶ,ବିନୋଦ ସିଂ ,କୁଶଳ ଠାକୁର,କୈଳାସ ସଗରିଆଙ୍କୁ ମନୋନୀତ କରାଯାଇଥିଲା ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି

ବଲାଙ୍ଗିର,(ସବ୍ୟୁ): ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ପୁଇଁନ୍ତଲା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରତ୍ୱ ଶିୱାଜୀ ଇସଲୱାର, ଏସପି ଅଭିଲାଷ ଜି ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ସମୁଦାୟ ୨୭ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ସେହି ମଧ୍ୟରୁ ୨୩ ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୦୪ଟି ସାମୁହିକ ଦରଖାସ୍ତ ଥିଲା । ଜନସାଧାରଣଙ୍କ ଦ୍ୱାରା ଆଗତ ହୋଇଥିବା ୦୫ ଗୋଟି ମାମଲାର ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରି ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉକ୍ତ ଶୁଣାଣୀର ତୁରନ୍ତ ସମାଧାନ କରିଥିଲେ । ବାକି ଥିବା ମାମଲା ଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଯଥା ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପୁଇଁନ୍ତଲା ବିଡ଼ିଓ ଅମରେନ୍ଦ୍ର ସ୍ୱାଇଁ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଏବଂ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

# ଖଇରମାଲ-ମାନପଦର ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ

କନ୍ଧମାଳ, (ସବ୍ୟୁ) : ବୌଦ୍ଧ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କନ୍ଧମାଳ ବ୍ଲକ ଲମ୍ବସରୀ ପଂଚାୟତ ଅନ୍ତର୍ଗତ ଖଇରମାଲ -ମାନପଦର ନୂତନ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶାଗୁ ନାଏକ, କନିଷ୍ଠ ଯନ୍ତ୍ରୀ ଇଂଶ୍ୟାମ ସୁନ୍ଦର ହେମ୍ବ୍ରମଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୩୪ ଯୋଡିଙ୍କ ସାମୁହିକ ବିବାହ



ଭବାନୀପାଟଣା, (ସବ୍ୟୁ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଏକ ବ୍ୟାପକ ସାମୁହିକ ବିବାହ କାର୍ଯ୍ୟକ୍ରମ ମଙ୍ଗଳବାର ଭବାନୀପାଟନା ସ୍ଥିତ ଏସ୍.ଏନ୍. ମ୍ୟାରେଜ ପ୍ୟାଲେସରେ ଜିଲ୍ଲା ପ୍ରଶାସନଙ୍କ ଏବଂ କର୍ତ୍ତବ୍ୟ ଅନୁଷ୍ଠାନଙ୍କ ସହଯୋଗରେ ସଫଳତାର ସହ ଆୟୋଜିତ ହୋଇଥିଲା। ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜିକ ସୁରକ୍ଷାକୁ ସୁଦୃଢ଼ କରିବା, ଲିଙ୍ଗ ସମତାକୁ ପ୍ରୋତ୍ସାହନ ଦେବା ଏବଂ ଆର୍ଥିକ ଭାବେ ଦୁର୍ବଳ ରହିଥିବା ପରିବାରମାନଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରିବା। ଏହା ସହିତ ଶିଶୁ ବିବାହକୁ ରୋକିବା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା ଓ ସମାଜରେ ସୁସ୍ଥ ପରିବେଶ ସୃଷ୍ଟି କରିବା ମଧ୍ୟ ଏହି ଯୋଜନାର ଲକ୍ଷ୍ୟ । ଏହି ଅବସରରେ ଆଜି ଜିଲ୍ଲାର ୩୪ ଜଣ ଯୋଗ୍ୟ ଯୁଗଳଙ୍କ ବିବାହ ସମ୍ପନ୍ନ କରାଯାଇଥିଲା। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ(ପୁଷ୍ପ), ଜିଲ୍ଲାପାଳ ପାଓ୍ୱର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସିଡିଏମ୍ ଓ ପିଏଚଓ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ବିଡିଓ ଭବାନୀପାଟଣା ଚନ୍ଦନ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୈଲେନ୍ଦ୍ର ଶେଖର ମହାପାତ୍ର, କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

# ଭଡାଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ଝିଅ ପରିବାର ଲୋକେ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଲଦୁଗାଁ ଗ୍ରାମର ଏକ ଭଡ଼ା ଘରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ବାପ ଘର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ମହିଳାଙ୍କ ସ୍ୱାମୀକୁ କୋକସରା ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଲଦୁଗାଁ ଗ୍ରାମର ସୁରଞ୍ଜନ ଦାସଙ୍କ ଦ୍ୱିତୀୟ ଝିଅ ସୁପ୍ରିତି ଦାସ ଓ ଖ୍ୱାଇଁ ନୂଆପଡା ଜିଲ୍ଲା ସିଙ୍ଗଝର ଗ୍ରାମର ପ୍ରଭାସ ଦାସ ଦୀର୍ଘ ୫ବର୍ଷ ତଳେ ବିବାହ କରିଥିଲେ। ସେମାନେ ଲଦୁଗାଁ ସ୍ଥିତ ଏକ ଭଡାଘରେ ରହି ଆସୁଥିଲେ। ତେବେ ମଙ୍ଗଳବାର ଘର ଭିତରେ ସୁପ୍ରିତିର ଝୁଲନ୍ତା ମୃତଦେହ ଦେଖିବାକୁ ପାଇ ସ୍ୱାମୀ ପ୍ରଭାସ ଦାସ ଉଦ୍ଧାର କରି ଶ୍ୱଶୁର ଘର ଲୋକଙ୍କୁ ଖବର ଦେଇଥିଲେ। ପରେ ସେମାନେ ପହଞ୍ଚି କୋକସରା ଥାନା ପୁଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ କରିବା ସହ ଶବ ଜବତ୍ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ମୃତ ମହିଳାଙ୍କ ବାପ ଘର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ପୁଲିସ ମୃତ ମହିଳାଙ୍କ ସ୍ୱାମୀ ପ୍ରଭାସ ଦାସଙ୍କୁ କୋକସରା ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। କୋକସରା ଥାନା ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ନୂଆପଡ଼ାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଖଡ଼ିଆଳର ସ୍ୱେଚ୍ଛାସେବୀ ସଂଗଠନ 'ୟାର' ର ମିଳିତ ସହଯୋଗରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ଏକ ଭବ୍ୟ ସାମୂହିକ ବିବାହ ଉତ୍ସବ ସମ୍ପନ୍ନ ହୋଇଯାଇଛି। ଆମସେନା ସ୍ଥିତ ଗୁରୁକୁଳ ଆଶ୍ରମ ପରିସରରେ ଆୟୋଜିତ ଏହି ଉତ୍ସବରେ ୧୧ ଜଣ ନବଦମ୍ପତି ବୈଦିକ ରୀତିନୀତି ଅନୁଯାୟୀ ନୂତନ ଜୀବନ ଆରମ୍ଭ କରିଛନ୍ତି। ପବିତ୍ର କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ, ମଧୁସୂଦନ ଦାଶ । ସମୀର ସାହୁ ଡିଏଫଓ (ବନ୍ୟପ୍ରାଣୀ), ଲମ୍ବୋଦର ଧରୁଆ ମୁଖ୍ୟ ଉନ୍ନୟନ ଅଧିକାରୀ, ସୁର୍ମି ସୋରେନ ଉପ-ଜିଲ୍ଲାପାଳ, ଏଥିସହିତ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରି ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ , ଖରିଆର ରୋଡ୍ ଏନଏସି ଅଧ୍ୟକ୍ଷା ଡ଼ା. ସୋନିଆ ଜୈନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ ଏବଂ ଗୁରୁକୁଳର ସଂସ୍ଥାପକ ଧର୍ମାନନ୍ଦ ସରସ୍ୱତୀ, ୟାର ଏନଜିଓ ମୁଖ୍ୟ ମହେନ୍ଦ୍ର ଯୋଶୀ, ସାମ୍ବାଦିକ ଓ ନବ ଦମ୍ପତ୍ତି ଙ୍କ ସ୍ୱଜନ ପ୍ରମୁଖ ଉପସ୍ଥିତ ରହି କନ୍ୟାଦାନ ଓ ବିବାହ କାର୍ଯ୍ୟକୁ ସଫଳ କରିଥିଲେ। ସରକାରୀ ନିୟମ ଅନୁଯାୟୀ, ପ୍ରତ୍ୟେକ ନବଦମ୍ପତିଙ୍କୁ ୪୫ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିଧାୟକ ଶ୍ରୀ ଢୋଲକିଆ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଦମ୍ପତିଙ୍କୁ ୧୧ ସହ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ।

# ମହିଳା ଆରକ୍ଷଣ ବିଲ୍‌କୁ ଲାଗୁ କରନ୍ତୁ ସରକାର : କଂଗ୍ରେସ



ବରଗଡ,(ସବ୍ୟୁ) : ମହିଳା ଆରକ୍ଷଣ ବିଲ୍ ଉପରେ କୁମ୍ଭୀର କାନ୍ଦଣା ନକରି ସତ ସାହସ ଥିଲେ ମହିଳା ଆରକ୍ଷଣ ବିଲକୁ ଲୋକସଭାର ଏହି ୫୪୫ ସଦସ୍ୟ ବିଶିଷ୍ଟ ଥାଇ ଲାଗୁ କରନ୍ତୁ କେନ୍ଦ୍ର ସରକାର ବୋଲି ବରଗଡ ଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ଗଣ ମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ। ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦିପ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ ଯେ ମହିଳା ଆରକ୍ଷଣ ବିଲ୍ ୨୦୨୩ ରେ ପାର୍ଲିଆମେଣ୍ଟରେ ପାସ୍ ହେଲା ପରେ କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ କୌଣସି ଆନ୍ତରିକତା ନଥିଲା । ନହେଲେ ଆଇନରେ ପରିଣତ କରାଯାଇ ପାରିଥାନ୍ତା । ବର୍ତ୍ତମାନ ମହିଳା ବିଲ୍ କୁ ଆଳ କରି ଲୋକସଭା ଆସନ ସୀମା ନିର୍ଦ୍ଧାରଣ ବିଲ୍ କୁ ପାଶ କରିବାର ଷଡ଼ଯନ୍ତ୍ର ଧରା ପଡ଼ିଯିବା ଓ ବିଲ୍ ଟି ପାର୍ଲିଆମେଣ୍ଟରେ କାଟ ଖାଇବା ଫଳରେ ବିଜେପି ନିଜ ଦୋଷ ଉପରେ ପରଦା ଢାଙ୍କିବାକୁ ବିରୋଧୀ ଦଳ ବିଶେଷ କରି କଂଗ୍ରେସ ଦଳକୁ ମହିଳା ଆରକ୍ଷଣ ବିରୋଧୀ ଭାବରେ ଅଭିହିତ କରିବାପାଇଁ ଦେଶ ସାରା ଚେଷ୍ଟା କରୁଛି ବୋଲି ଶ୍ରୀ ଦାସ କହିଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ସେଲ୍ ସାଧାରଣ ସମ୍ପାଦକ ମୁସ୍ତାକ ମହମ୍ମଦ , ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ , ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅନନ୍ତ ଶୟନ ପାଢ଼ୀ, ଭଟଲି ବିଧାୟକ ପ୍ରାର୍ଥୀ ବ୍ରହ୍ମା ମହାକୁଡ , ବିଜେପୁର ବିଧାୟକ ପ୍ରାର୍ଥୀ କିଶୋର ଦଫାଦାର , ବରିଷ୍ଠ କଂଗ୍ରେସ ନେତା ଯୁଗଳ ପ୍ରସାଦ ସିଂ, ସରୋଜ ଷଡ଼ଙ୍ଗୀ, ମହିଳା ନେତ୍ରୀ ସୀମା କୁମ୍ଭାର ପ୍ରମୁଖ ମଞ୍ଚାସିନ ଥିଲେ।

# ମହିଳା ବିରୋଧୀ ଦୃଷ୍ଟିକୋଣ ହିଁ ବିରୋଧର କାରଣ : ସାଂସଦ




ସମ୍ବଲପୁର,(ସବ୍ୟୁ): ଦେଶର ବିକାଶ ପ୍ରକ୍ରିୟାରେ ମହିଳାମାନଙ୍କ ସମାନ ଭାଗିଦାରୀ ଓ ପ୍ରତିନିଧିତ୍ୱ ଅପରିହାର୍ଯ୍ୟ । ମହିଳା ମାନେ ଆଗକୁ ନବଢିଲେ ଦେଶ ଓ ରାଜ୍ୟର ଉନ୍ନତି ଅସମ୍ଭବ । ଯେତେବେଳେ ମହିଳା ମାନଙ୍କୁ ସେମାନଙ୍କୁ ଅଧିକାର ଦେବାର ସମୟ ଆସିଲା, ସେତେବେଳେ ବିରୋଧି ଦଳ ଗୁଡିକର ମହିଳା ବିରୋଧି ମାନସିକତା ସ୍ପଷ୍ଟ ଭାବେ ସାମ୍ନା ଆସିଲା । ସେମାନଙ୍କ ମହିଳା ବିରୋଧି ଦୃଷ୍ଟିକୋଣ ହିଁ ବିରୋଧର କାରଣ । ମଙ୍ଗଳବାର ହୋଟେଲ ରିଭର ଇନ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଭାରତର ସଂସଦରେ ବର୍ତ୍ତମାନ ମହିଳା ସାଂସଦଙ୍କ ସଂଖ୍ୟା ମାତ୍ର ୧୩.୬% ଥିବାବେଳେ ବିଭିନ୍ନ ବିଧାନସଭାରେ ଏହା ପ୍ରାୟ ୧୦% ରହିଛି । ଯାହା ବିଶ୍ୱସ୍ତରୀୟ ହାର (୨୭.୫%) ତୁଳନାରେ ଯଥେଷ୍ଟ କମ୍ । ସ୍ୱିଡେନ ଓ ନ୍ୟୁଜିଲ୍ୟାଣ୍ଡ ଭଳି ଦେଶର ଉଦାହରଣ ଦେଇ ଭାରତରେ ମହିଳାମାନଙ୍କୁ ଆଗକୁ ଆସିବାକୁ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ ହେବା ଏକ ଐତିହାସିକ ପଦକ୍ଷେପ ଅଟେ । ଏହି ଆଇନ ବଳରେ ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଜନଗଣନା ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଅତ୍ୟନ୍ତ ଜରୁରୀ । ତେବେ କେତେକ ରାଜନୈତିକ ଦଳ ମହିଳା ବିରୋଧୀ ମନୋଭାବ ପୋଷଣ କରୁଥିବା ନେଇ ସେ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ମହିଳାମାନେ ସେମାନଙ୍କ ଅଧିକାର ପାଇଁ ଏହି ସଂଗ୍ରାମ ଜାରି ରଖିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିକାଶ ଏକ ନିରନ୍ତର ପ୍ରକ୍ରିୟା ଏବଂ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତୀୟ ଜନତା ପାର୍ଟି ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପ୍ରତିନିଧିତ୍ୱ ଦେବା ପାଇଁ ସର୍ବଦା ଚେଷ୍ଟା କରୁଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସବିତା ନନ୍ଦ, ଜିଲ୍ଲା ଉପସଭାପତି ସୁଶାନ୍ତ ପୁରୋହିତ ଓ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଷମା ସାହୁ ମଂଚାସୀନ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲ୍ଲାର ବିକାଶ ନେଇ ବିଧାୟକଙ୍କ ଦାବି



ବଲାଙ୍ଗିର, (ସବ୍ୟୁ): ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗିର ଗସ୍ତକୁ ନଜରରେ ରଖି ବିଜୁ ଜନତା ଦଳ ଓ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ପକ୍ଷରୁ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ଏକ ବିସ୍ତୃତ ଦାବୀପତ୍ର ପ୍ରଦାନ କରିଥିବା ବେଳେ ବିଜେଡି ତରଫରୁ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରାଯାଇ ବିଭିନ୍ନ ଉନ୍ନୟନ ମୂଳକ ଦାବି ରଖାଯାଇଛି । ଏହି ଦାବୀପତ୍ରରେ ବଲାଙ୍ଗିର ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ସହରୀ ଉନ୍ନତି ସମ୍ବନ୍ଧୀୟ ଅନେକ ଜରୁରୀ ପ୍ରସଙ୍ଗ ଉଠାଯାଇଛି। ପ୍ରମୁଖ ଦାବୀମାନଙ୍କ ମଧ୍ୟରେ ଦେଓଗାଁ ବିଜୟାନନ୍ଦ ଚିନି କଳର ପୁନରୁଦ୍ଧାର ଯାହାଦ୍ୱାରା ଜିଲ୍ଲାର କୃଷିକ୍ଷେତ୍ରରେ କୃଷକ ମାନଙ୍କ ଆର୍ଥିକ ସ୍ଥିତି ସଦୃଢ ହେବ , କେନ୍ଦ୍ରୀୟ ପାଠାଗାର ନିର୍ମାଣ, ଦେଓଗାଁ ଓ ବଲାଙ୍ଗିର-ଉଭୟ ବ୍ଲକରେ ଚାଷୀଙ୍କ ଉନ୍ନତି ପାଇଁ ଶୀତଳ ଭଣ୍ଡାର ସ୍ଥାପନ, କୃଷକ ଓ କୃଷିର ସୁବିଧା ପାଇଁ ସୋନଗଡ ବ୍ୟାରେଜ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ କାରଣ ଏହି ପ୍ରକଳ୍ପ ହେଲେ ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ୧୫ଖଣ୍ଡ ଗାଁ ଉପକୃତ ହେବ। ସହିତ ୨୮ ଗୋଟି ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ । ଏହା ବ୍ୟତୀତ ସୋନଗଡ ନଦୀ ଦେଓଗାଁ ବ୍ଲକର ଏକ ଜୀବନ ରେଖା ହୋଇଥିବା ବେଳେ ଅନ୍ତର୍ଲା ଓ ଜରାସିଂହାଁ ଠାରେ ମଧ୍ୟ ବ୍ୟାରେଜର ଜରୁରୀ ରହିଛି । ଟୁଷୁରା ଏୟାରଷ୍ଟ୍ରୀପର ଉନ୍ନତିକରଣ କରାଯାଇ ପାଇଲଟ ଟ୍ରେନିଂ ସେଣ୍ଟର ସହିତ ଏୟାରପୋର୍ଟ ର ବ୍ୟବସ୍ଥା କରାଯାଉ। ଏକ ମହିଳା ବିଶ୍ୱବିଦ୍ୟାଳୟ ସ୍ଥାପନର ଆବଶ୍ୟକତା ରହିଛି। ସେହିପରି ବଲାଙ୍ଗିର ପୌରପାଳିକାର ଡ୍ରେନେଜ୍ ବ୍ୟବସ୍ଥାକୁ ଆଧୁନିକ ଓ ସୁଦୃଢ କରିବା ସହ ସହରର ମୌଳିକ ସୁବିଧାର ସୁଧାର ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଡାକ୍ତରୀ କର୍ମଚାରୀଙ୍କ ପୂର୍ଣ୍ଣ ନିଯୁକ୍ତି, ରକ୍ତଭଣ୍ଡାର ସୁବିଧା ବୃଦ୍ଧି ଏବଂ ସୁପର ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ବଢ଼ାଇବା ଉପରେ ମଧ୍ୟ ଜୋର ଦିଆଯାଇଛି। ଏହା ସହିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ୧୦୦ ଏକର ଜମୀ ଓ ଭିତ୍ତିଭୂମି ବିକାଶ ପାଇଁ ୧୫୦ କୋଟି ଦିଅନ୍ତୁ ଯାହାକି କର୍ମଚାରୀ କ୍ୱାଟର ପାଇଁ ବହୁମହଲା କୋଠା ଏବଂ ପୁଅ ଏବଂ ଝିଅଙ୍କ ପାଇଁ ହଷ୍ଟେଲ, ଏକାଡେମିକ୍ ବ୍ଲକ -୩, ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ମୁଖ୍ୟ ଫାଟକ, ବିଶ୍ୱବିଦ୍ୟାଳୟ ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ଆଲୋକୀକରଣ କରାଯାଇ ପାରିବ ।

ଜିଲ୍ଲା ବିଜୁ ଜନତା ଦଳ ଓ ବିଧାୟକ ଶ୍ରୀ ସିଂହଦେଓଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ଦାବିପତ୍ର ମାଧ୍ୟମରେ ବଲାଙ୍ଗିରର ଦୀର୍ଘଦିନର ସମସ୍ୟାର ସମାଧାନ ଓ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ତ୍ୱରିତ ହସ୍ତକ୍ଷେପ ଅତ୍ୟାବଶ୍ୟକ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ଦାବି ଜଣାଇଛନ୍ତି । ଆସନ୍ତା ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଏହି ସମସ୍ତ ଦାବୀ ପୂରଣ ଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ , ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା , ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ବିଜେଡି ନଗର ସଭାପତି ସମ୍ଭୁ ନାଗ, ଜିଲ୍ଲା ଛାତ୍ର ସଭାପତି ସୁମନ ନନ୍ଦ ଉପସ୍ଥିତ ରହି ବଲାଙ୍ଗିର ର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବି ଜଣାଇଥିଲେ ।

